# DAV PUBLIC SCHOOLS, ODISHA ZONE
## Periodic Assessment – I, 2023-24

**General Instructions:-**

- **Check that this question paper contains 02 printed pages.**
- **Check that this question paper contains 6 questions.**
- **The question paper consists of 4 parts.**

| | | |
|---|---|---|
| **PART – A :** | **Comprehension** | **05 marks** |
| **PART – B :** | **Writing** | **05 marks** |
| **PART – C :** | **Grammar** | **14 marks** |
| **PART – D :** | **Literature** | **16 marks** |

**Class - VIII**

**Sub- Lower Odia**

**Time – 1 hr. 30 Mins** **F.M – 40**

ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ।

'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। (5 x 1 = 5)

ବିଦ୍ୟାଳୟରେ କେବଳ ପାଠ ପଢ଼ା ଯାଏ ନାହିଁ। ସେଠାରେ ନାନାଦି ବିଷୟରେ ଶିକ୍ଷା ଦିଆଯାଏ। ପାଠପଢ଼ା ବ୍ୟତୀତ ସଂଗୀତ, ନୃତ୍ୟ, ଖେଳକୁଦ ଆଦି ବିଷୟରେ ମଧ୍ୟ ପିଲାମାନେ ଜ୍ଞାନ ଲାଭ କରଥା'ନ୍ତି। ବିଜ୍ଞାନ ବିଷୟ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ଲାଗି ବିଜ୍ଞାନମେଳା ଓ ପ୍ରଦର୍ଶନୀ ଆୟୋଜିତ ହୁଏ। ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗାନ୍ଧୀ ଜୟନ୍ତୀ, ନେତାଜୀ ଜୟନ୍ତୀ ଆଦି ପାଳନ କରାଯାଏ। ଏହାଦ୍ୱାରା ପିଲାମାନଙ୍କ ମନରେ ଦେଶପ୍ରେମର ଭାବନା ଜାଗ୍ରତ ହୁଏ। ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ବଣଭୋଜିର ବ୍ୟବସ୍ଥା ରହିଥାଏ। ଏଥିଯୋଗୁଁ ସେମାନେ ନାନାସ୍ଥାନ ବୁଲି ଦେଖିବାର ସୁଯୋଗ ପାଇଥାନ୍ତି। ବାର୍ଷିକୋତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଏ। ଜ୍ଞାନୀଗୁଣୀ ବ୍ୟକ୍ତି ବିଦ୍ୟାଳୟ ପରିଦର୍ଶନରେ ଆସି ପିଲାମାନଙ୍କୁ ନାନା ଉପଦେଶ ଦିଅନ୍ତି। ସେମାନଙ୍କର ଉପଦେଶମାନ ପିଲାମାନଙ୍କର ମନୋବଳ ବଢ଼ାଇଥାଏ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ବିକାଶ ନିମନ୍ତେ ଅନେକ ସୁଯୋଗ ରହିଥାଏ।

i. କେଉଁଠାରେ ନାନାଦି ବିଷୟରେ ଶିକ୍ଷା ଦିଆଯାଏ ?
ii. ବିଜ୍ଞାନମେଳା ଓ ପ୍ରଦର୍ଶନୀ କାହିଁକି ଆୟୋଜିତ ହୁଏ ?
iii. ବଣଭୋଜି ଯୋଗୁଁ ପିଲାମାନେ କି ସୁଯୋଗ ପାଇଥା'ନ୍ତି ?
iv. ବାର୍ଷିକୋତ୍ସବରେ କେଉଁମାନଙ୍କୁ ପୁରସ୍କୃତ କରାଯାଏ ?
v. ବିଦ୍ୟାଳୟରେ କେଉଁ କେଉଁ ଦିବସ ପାଳନ କରାଯାଏ ?

‘ଖ’ ବିଭାଗ

2. ଅନୁଚ୍ଛେଦ ଲେଖ। (5)

ମୋ ଦେଶ ଭାରତବର୍ଷ

‘ଗ’ ବିଭାଗ

3. i. ଶବ୍ଦଗୁଡ଼ିକର ଅର୍ଥ ଲେଖ। (4 x 1 = 4)

ନିଶାଚର, ଯମଜ, ପାଦୁକା, ତେଲୁଣି

ii. ବିପରୀତାର୍ଥବୋଧକ ଶବ୍ଦ ଲେଖ। (4 x 1 = 4)

ସଦ୍‌ଗୁଣ, କନିଷ୍ଠା, ଅଳସୁଆ, ସିଧା

4. i. ଲିଙ୍ଗ ପରିବର୍ତ୍ତନ କର। (3 x 1 = 3)

ପୁତ୍ର, ବୃଦ୍ଧ, ନର

ii. ପ୍ରତିଶବ୍ଦ ଲେଖ। (3 x 1 = 3)

ନୟନ, ଜନନୀ, ନିଆଁ

‘ଘ’ ବିଭାଗ

5. ସଂକ୍ଷେପରେ ଉତ୍ତର ଲେଖ। (6 x 2 = 12)

i. ମାତା ଯଶୋଦା କାହିଁକି ଚିନ୍ତିତ ହୋଇପଡ଼ିଛନ୍ତି ?

ii. ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ’ଣ ?

iii. କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

iv. ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ ?

v. ଚକୁଳିଆ ପଣ୍ଡା କିପରି ପେଟ ପୋଷୁଥିଲା ?

vi. ଚୋରମାନେ ସିନ୍ଦୁକଟି ଛାଡ଼ି ପଳାଇଲେ କାହିଁକି ?

6. ନିର୍ଦ୍ଦିଷ୍ଟ ଉତ୍ତର ବାଛି ଲେଖ। (4 x 1 = 4)

i. ଅନ୍ଧଲୋକ କାହା ସାହାଯ୍ୟରେ ବାଟ ଖୋଜି ଚାଲେ ?

a. ଛତା b. କଠାଉ c. ବାଡ଼ି d. ଅନ୍ୟଲୋକ

ii. ସୁଗ୍ରୀବଙ୍କ ଅନୁଚର କିଏ ଥିଲେ ?

a. ବାଳୀ b. ରାମ c. ରାବଣ d. ହନୁମାନ

iii. କେଉଁ ପର୍ବତରେ ଉପସ୍ଥିତ ହୋଇ ଭରତ ରାମଙ୍କୁ ଭେଟିଥିଲେ ?

a. ମନ୍ଦର b. ଗନ୍ଧମାର୍ଦ୍ଦନ c. ଚିତ୍ରକୂଟ d. ପଞ୍ଚବଟୀ

iv. ଉତ୍ତମ ସୁନ୍ଦର ପଦ୍ମପୋଖରୀରେ କିଏ ରହୁଥିଲେ ?

a. ଜଳଦେବୀ b. ଗଙ୍ଗାମାତା c. ଅପ୍ସରା d. ପାର୍ବତୀ

***